# MARKING SCHEME FOR SAMPLE QUESTION PAPER, 2021-22
## Term-II Examination
## Class-X
## ODIA (Code-013)

*Time allowed :* 2 hours. *Maximum Marks: 40*

The question paper consists of 3 parts.

| | | |
|---|---|---|
| PART A : | **Writing** | 10 Marks |
| PART B : | **Grammar** | 10 Marks |
| PART C : | **Literature** | 20 Marks |

| Q.No | Key Points/Value Points | Division of Marks | Total Marks |
|---|---|---|---|
| 1. | **ରଚନା** | | 5 |
| | ଉପକ୍ରମ | 0.5 | |
| | ବିଷୟବସ୍ତୁ ବିଶ୍ଳେଷଣ | 4 | |
| | ଉପସଂହାର | 0.5 | |
| 2. | **ପତ୍ର ଲିଖନ** | | 5 |
| | ସମ୍ପାଦକଙ୍କୁ ସମ୍ବୋଧନ ଓ ଠିକଣା | 1 | |
| | ବିଷୟବସ୍ତୁ | 2 | |
| | ଭାଷା ଓ ଲିଖନ ଶୈଳୀ | 2 | |
| 3. | **ରୂଢ଼ିକୁ ବାକ୍ୟରେ ବ୍ୟବହାର କର ।**<br>i. ପିଠିରେ ପଡ଼ିବା –ସାହା ହେବା<br>ii. ଅହିନକୁଳ ସମ୍ପର୍କ-ଘୋର ଶତ୍ରୁତା<br>iii. ଜୋକ ମୁହଁରେ ଲୁଣ -ଗର୍ବ ଭାଙ୍ଗିବା /ଅହଂକାର ଭାଙ୍ଗିବା<br>ii. ଉପୁରି ମାଲ-ନିର୍ଦ୍ଦିଷ୍ଟ ଆୟରୁ ଅଧିକ/ମାଗଣା ମିଳିବା<br>v. ଗୋଡ଼ ଟେକି ବସିବା-ଯିବାକୁ ପ୍ରସ୍ତୁତ<br>**ରୂଢ଼ିର ଅର୍ଥକୁ ଆଧାର କରି ସାର୍ଥକ ବାକ୍ୟ ଗଠନ କରାଯିବା ବିଧେୟ ।**<br>**ଅର୍ଥ ପାଇଁ ୧ ନମ୍ବର ଓ ବାକ୍ୟ ପାଇଁ ୧ ନମ୍ବର** | 3x2 | 6 |
| 4. | **ଉପଯୁକ୍ତ ଯତିପାତ ଲଗାଇ ଉଦାହରଣ ସହ ଯେ କୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** | | 4 |
| | ଛନ୍ଦର ଲକ୍ଷଣ- | 2 | |
| | ଯତିପାତ ସହ ଛନ୍ଦର ଉଦାହରଣ- | 2 | |
| 5. | **ସପ୍ରସଙ୍ଗ ସରଳାର୍ଥ ଲେଖ ।** | | |
| | ପ୍ରବନ୍ଧ,ପ୍ରାବନ୍ଧିକଙ୍କ ନାମ | 1 | 4 |
| | ପ୍ରସଙ୍ଗ ନିର୍ଦ୍ଦେଶ | 0.5 | |
| | ବର୍ଣ୍ଣନା ଓ ଉପସଂହାର | 2.5 | |

| | | | |
|---|---|---|---|
| 6. | **ସଂକ୍ଷେପରେ ଉତ୍ତର ଲେଖ ।** | | |
| | **i. କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?**<br>**ଉ-** ଦେଶର ଇଂରେଜୀ ଅନଭିଜ୍ଞ ଅଥଚ ଭଲ ଭଲ କୃଷକମାନେ ସେଠି ସାମୟିକ ଶିକ୍ଷା ନେଇ ପାରିଥାନ୍ତେ ଫଳରେ କୃଷିର ଉନ୍ନତି ହୁଅନ୍ତା । କୃଷିଛାତ୍ରମାନେ ସେମାନଙ୍କ ପାଇଁ ସରଳ ଭାଷାରେ ପୁସ୍ତକ ରଚନା କରିପାରିଥାନ୍ତେ ।<br>**ii. ବିବେକାନନ୍ଦଙ୍କ ଅସଲ ଶକ୍ତି କ'ଣ ?**<br>**ଉ-**ଚୁମ୍ବକ ଲୁହାକୁ ତା ଆଡ଼କୁ ଟାଣିନେବା ପରି ଲୋକଙ୍କୁ ଧର୍ମ ଓ ତ୍ୟାଗ ମାର୍ଗରେ ମୁହାଁଇ ଦେବା ଥିଲା ବିବେକାନନ୍ଦଙ୍କର ଅସଲ ଶକ୍ତି ।<br>**iii. ଇହଧାମ ତ୍ୟାଗ ପୂର୍ବରୁ ଶ୍ରୀ ରାମକୃଷ୍ଣଙ୍କର ଶିଷ୍ୟ ନରେନ୍ ପ୍ରତି ଆଦେଶ କ'ଣ ଥିଲା ?**<br>**ଉ-** ଇହଧାମ ତ୍ୟାଗ ପୂର୍ବରୁ ଶ୍ରୀ ରାମକୃଷ୍ଣଙ୍କ ତାଙ୍କର ତରୁଣ ଶିଷ୍ୟମାନଙ୍କୁ ନରେନ୍‌ଙ୍କ ହାତରେ ସମର୍ପି ଦେଇ ଜଗତର କଲ୍ୟାଣ ସାଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।<br>**iv. କେଉଁ ଘଟଣା ପାଇଁ ସ୍କଟଲାଣ୍ଡରେ ମାସ ମାସ ଧରି ଆନ୍ଦୋଳନ ଚାଲିଥିଲା ?**<br>**ଉ-**ଲଣ୍ଡନରେ ଥିବା କନ୍‌ଡ୍ୟୁଟ୍ ଷ୍ଟ୍ରିଟ୍‌ର ନାମକୁ ବି.ବି.ସି ସମ୍ବାଦ ପ୍ରଚାର ବେଳେ ଯେଉଁଭଳି ଉଚ୍ଚାରଣ କରାଗଲା ସ୍କଟଲାଣ୍ଡର ଲୋକେ ତାକୁ ପସନ୍ଦ କଲେ ନାହିଁ । ସେଥିପାଇଁ ସ୍କଟଲାଣ୍ଡରେ ମାସ ମାସ ଧରି ଆନ୍ଦୋଳନ ଚାଲିଥିଲା । | 2x2 | 4 |
| 7. | **ସପ୍ରସଙ୍ଗ ସରଳାର୍ଥ ଲେଖ ।**<br>କବିତା ,କବିଙ୍କ ନାମ<br>ପ୍ରସଙ୍ଗ ନିର୍ଦ୍ଦେଶ<br>ବର୍ଣ୍ଣନା | 1<br>0.5<br>2.5 | 4 |
| 8. | **ସଂକ୍ଷେପରେ ଉତ୍ତର ଲେଖ ।** | | |
| | **i.ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?**<br>**ଉ-** ମାଆ ପରି ଯିଏ ସନ୍ତାନର ପରିପାଳନ କରେ ସେ ହେଉଛି ଧାତ୍ରୀ । ତମସା ନଦୀ ମାଆ ପରି ଆଶ୍ରମବାସୀଙ୍କ ଆବଶ୍ୟକତା ପୂର୍ଣ୍ଣ କରୁଥିବାରୁ ଏହାକୁ ଆଶ୍ରମଧାତ୍ରୀ କୁହାଯାଇଛି ।<br>**ii .ମାଟି ଚେରମୂଳି ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ରହିଛି ?**<br>**ଉ-** ଆମ ଦେହ ଦୁଃଖ ଦୂର କରି ଆମକୁ ନୀରୋଗ ରଖିବା ପାଇଁ ମାଟି ଚେରମୂଳି ଗଛଲତା ସାଇତି ରଖିଛି ।<br>**iii. ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?**<br>**ଉ-**ଅତୀତର ଦୁଃଖ ଦୈନ୍ୟ ପୀଡ଼ିତ ଜୀର୍ଣ୍ଣ ଜୀବନ ତ୍ୟାଗ କଲେ ଭବିଷ୍ୟତର ତରୁଣମାନେ ଜାଗି ଉଠିବେ ବୋଲି କବି କହିଛନ୍ତି ।<br>**iv. ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?**<br>**ଉ-** କାରାଗାର ବନ୍ଧନର ପ୍ରତୀକ । ମଣିଷ ମସ୍ତକରେ ଯୁଗ ଯୁଗରୁ ସଂଚିତ ଥିବା ଅପମାନ ପୋଛି ଦେବା ପାଇଁ ତଥା କୁସଂସ୍କାରର ଅର୍ଗଳିରୁ ମୁକ୍ତ ହେବା ପାଇଁ କବି ତିମିର କାରା ଭାଙ୍ଗି ଦେବାକୁ କହିଛନ୍ତି । | 2x2 | 4 |
| 9. | **ପ୍ରଶ୍ନର ଉତ୍ତର ଲେଖ ।**<br>ଗାଳ୍ପିକ/ନାଟ୍ୟକାରଙ୍କର ପରିଚୟ<br>ବିଷୟବସ୍ତୁ<br>ନିଜସ୍ୱ ମତ / ଉପସଂହାର | 1<br>2.5<br>0.5 | 4 |
| ବି.ଦ୍ର: **(i)** ଛାତ୍ରଛାତ୍ରୀମାନଙ୍କର ଲେଖାର ମୌଳିକତା/ବାସ୍ତବତାକୁ ଆଧାର କରି ମୂଲ୍ୟାଙ୍କନ କରାଯିବ ।<br>**(ii)** ନିର୍ଦ୍ଧାରିତ ତନଖି ଓ ବିଚାର ଆଲୋଚନା ପରେ ସର୍ବାଧିକ ୪୦/୪୦ ନମ୍ବର ଦିଆଯାଇପାରିବ । | | | 40 |